## Chapter- 15

# ଠକ ବାବାଜୀ

**STUDY NOTES**

## MIND MAP



ଗାଁକୁ ଜଣେ ବାବାଜୀ ଆସିଲେ । ପିଲାମାନଙ୍କୁ ଅଧିକ ଆଦର କରନ୍ତି । ଯିଏ ଯାହା ମାଗିଲା ତାକୁ ଦେଲେ । ଗାମୁଛା କାନି ଧରାଇ ଦେଇ ମୁଢ଼ି, ଲଡୁ ବାହାର କରି ପିଲାଙ୍କୁ ବାଣ୍ଟନ୍ତି । ମେଳା ମହୋତ୍ସବରେ କୀର୍ତ୍ତନ କରନ୍ତି । ଖରାବେଳେ ମହାପ୍ରସାଦ ମଗାଇ ଦିଅନ୍ତି । ହଇଜା ଲାଗିଲେ ଝାଡନ୍ତି । କାଳିସୀ ଲାଗିଥିଲେ ଛଡାନ୍ତି । ତେଣୁ ସମସ୍ତେ ଜାଣିଲେ ସେ ସର୍ବ ଗୁଣରେ ପରିପୂର୍ଣ୍ଣ । ହରିନାମ ନିଅନ୍ତି କିନ୍ତୁ ପିଲାମାନଙ୍କୁ ନେଇ ବାହାରେ ବିକ୍ରିକରନ୍ତି । ଗାଁ ମୁଖିଆକୁ ହାତରେ ରଖିଥାନ୍ତି । ଥରେ ଜଣେ ପିଲା ପିଲା ଚୋରଙ୍କ କବଳରୁ ଖସିଆସିଲା । ସେହିପରି ପିଲାଚୋର ର ଶିକାର ହେଲା ସେ କଥା ବଖାଣିଲା । ଆଉଦିନେ ଗୋଟିଏ ପିଲାକୁ ଧରିଲା ବେଳେ ବାବାଜୀଙ୍କୁ ଗାଁଲୋକ ଧରି ବାଡେଇଲେ ଲଣ୍ଡା କଲେ । ଗାଲରେ ଚୂନକଳା ଦେଇ ଗାଁ ସାରା ବୁଲେଇ ବୁଲେଇ ପୋଲିସ ହାତରେ ଧରାଇ ଦେଲେ । ଅଧିକ ଲାଭ ଆଶାରେ ଓ ବିନା ପରିଶ୍ରମରେ ପଇସା ରୋଜଗାରର ନିଶା ଛାଡିଗଲା । ଭାଗବତରେ ଅଛି ।

"କର୍ମରୁ ଅଧିକ ଯେ ଲୋଡଇ

ଚୋର ସମାନେ ଦଣ୍ଡ ପାଇ ।"

ODM EDUCATIONAL GROUP Changing your Tomorrow